# "ନୂଆଖାଇ"

**ଉପକ୍ରମ :** ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ସମୟରେ ବହୁ ଗୁରୁତ୍ୱପୂର୍ଣ୍ଣ ପର୍ବପାଳିତ ହୋଇଥାଏ । ତେବେ ପଶ୍ଚିମ ଓଡ଼ିଶାରେ ଯେତେ ସବୁ ପର୍ବ ପାଳିତ ହୁଏ । ତନ୍ମଧ୍ୟରେ "**ନୂଆଖାଇ**" ଏକ ଗଣପର୍ବର ମାନ୍ୟତା ଲାଭ କରିଛି । ଏହା ଏକ ସଂପ୍ରୀତି ଭାଇ ଚାରାର ପର୍ବ । ଏହା ମାଧମରେ ପରସ୍ପର ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ବାତାବରଣ ଗଢ଼ି ଉଠିଥାଏ ।




**ପର୍ବ ପାଳନର ସମୟ :** ପ୍ରତିବର୍ଷ ଭାଦ୍ରବ ମାସର ଶୁକ୍ଳପକ୍ଷ ପଞ୍ଚମୀ ଦିନ ଏହି ପର୍ବପାଳିତ ହୁଏ । ମାତ୍ର କଳାହାଣ୍ଡି ଜିଲ୍ଲାରେ ଏହା ଦଶମୀ ତିଥିରେ ପାଳିତ ହୋଇଥାଏ । ନୂଆଖାଇ ପର୍ବର ମୁଖ୍ୟ ଉଦ୍ଦେଶ୍ୟ ହେଲା ସମସ୍ତେ ଏକାଠି ମିଶି ଗୋଟିଏ ସ୍ଥାନରେ ମିଳିତ ହୋଇ ନୂଆ ଅନ୍ନକୁ ନିଜର ଇଷ୍ଟ ଦେବଦେବୀଙ୍କୁ ଅର୍ପଣ କରିବେ । ତାପରେ ତାହାକୁ ଭୋଜନ କରିବେ ।

**ପର୍ବ ପାଳନର ପ୍ରସ୍ତୁତି :** ନୂଆଖାଇ ପର୍ବ ପାଳନ ପାଇଁ ପ୍ରାୟ ୧୫ ଦିନ ପୂର୍ବରୁ ପଶ୍ଚିମ ଓଡ଼ିଶାବାସୀ ପ୍ରସ୍ତୁତିରେ ଲାଗିପଡ଼ନ୍ତି । ସର୍ବପ୍ରଥମେ ଗାଁ ମୁଖିଆ ସଭା ଡାକନ୍ତି । ପ୍ରତ୍ୟେକ ଘରର ମୁରବୀମାନେ ସେହି ସଭାରେ ଯୋଗ ଦେଇଥାନ୍ତି । ଉକ୍ତ ସଭାରେ ନୂଆଖାଇ ପର୍ବ ପାଳନ ବିଷୟରେ ଆଲୋଚନା କରାଯାଏ । ଲୋକମାନଙ୍କର ସୁବିଧା ଅସୁବିଧା ଏବଂ ସହରର ଅଧିଷ୍ଠାତ୍ରୀ ଦେବୀଙ୍କ ରାଶି ନକ୍ଷତ୍ରକୁ ଅନୁଧାନ କରି ପଣ୍ଡିତ ଦିନ ନିର୍ବାରଣ କରି ଗ୍ରାମବାସୀଙ୍କୁ ସୂଚନା ଦିଆଯାଏ । ଏହାପରେ ଆରମ୍ଭ ହୁଏ ପ୍ରସ୍ତୁତି । ସାରା ପୁରପଲ୍ଲୀ ହୋଇଉଠେ ଉତ୍ସବମୁଖର । ବିଭିନ୍ନ ପ୍ରକାର ସାଜସଜା ସହ ଭିନ୍ନ ଭିନ୍ନ ପ୍ରକାର ରଙ୍ଗା ରଙ୍ଗ କାର୍ଯ୍ୟକ୍ରମ ଆୟୋଜନରେ ଲାଗିପଡ଼ନ୍ତି ପଶ୍ଚିମ ଓଡ଼ିଶାବାସୀ । ଚିତା, ଝୋଟି ଏବଂ ରଙ୍ଗୀନ ଚିତ୍ରରେ ପୂର୍ଣ୍ଣ କରିଦିଅନ୍ତି ନିଜ ଗୃହକୁ ।

**ଇଷ୍ଟଦେବୀଙ୍କୁ ନବାନ୍ନ ଭୋଗ ଲାଗି :** ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ରୂପେ ମା' ସମଲେଶ୍ୱରୀ ସମ୍ବଲପୁର ସହରରେ ପ୍ରତିଷ୍ଠିତ ହୋଇଛନ୍ତି । ନୂଆଖାଇ ଅବସରରେ ପଶ୍ଚିମ ଓଡ଼ିଶାବାସୀ ମା'ଙ୍କ ନିକଟରେ ଜମିରୁ ଶସ୍ୟ ଅମଳ କରି ପ୍ରଥମେ ମା' ସମଲେଶ୍ୱରୀଙ୍କୁ ନବାନ୍ନ ଭୋଗ ଲାଗି କରିଥାନ୍ତି । ଏହି ନବାହ୍ନ ଭୋଗ ଲାଗି ମା'ଙ୍କ ନିକଟରେ ଲଗ୍ନ ଧାର୍ଯ୍ୟ ଅନୁସାରେ କରାଯାଇଥାଏ । ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମ୍ବଲେଶ୍ୱରୀଙ୍କ ନିକଟରେ ନବାନ୍ନ ଭୋଗ ଲାଗି କରାଯିବା ପରେ ଅନ୍ୟ ଦେବାଦେବୀଙ୍କୁ ଭୋଗ ଲାଗି କରାଯାଇଥାଏ । ପରେ ପଶ୍ଚିମ ଓଡ଼ିଶା ଚାଷୀ ଭାଇମାନେ କ୍ଷେତକୁ ଯାଇ ପୂଜା କରିଥାନ୍ତି । ଘରର ମୂରବୀ ନୂତନ ବସ୍ତ୍ର ପରିଧାନ ପୂର୍ବକ ଘରେ ପୂଜାଅର୍ଚ୍ଚନା କରି ଖିରି-ଖେଚେଡ଼ି ଭୋଗ ଘରର ଇଷ୍ଟଦେବୀଙ୍କୁ ଅର୍ପଣ କରିସାରିବା ପରେ ପରିବାର ସମସ୍ତେ ଏକାଠି ବସି ଭୋଜନ କରିଥାନ୍ତି ।

**ନୂଆଖାଇ ଭେଟଘାଟ୍:** ନୂଆଖାଇ ଯେ, କେବଳ ପାରମ୍ପରିକ ପର୍ବ ନୁହେଁ, ବରଂ ଏହି ପର୍ବ ଭ୍ରାତୃଭାବ ଓ ଏକତାର ପର୍ବ, ସୌହାର୍ଦ୍ଦ୍ୟ ମହାମିଳନର ପର୍ବ କାରଣ ଯିଏ ଯେଉଁଠି ଯେତେଦୂରରେ ଥାଆନ୍ତୁ ନା କାହିଁକି ଅନ୍ତତଃ ବର୍ଷକୁ ଥରେ ଏହି ନିର୍ଦ୍ଦିଷ୍ଟ ପର୍ବ ସମୟରେ ସମସ୍ତେ ଏକତ୍ରୀତ ହୋଇଥାନ୍ତି । ଗ୍ରାମ ବା ସହରରେ ବ୍ୟକ୍ତି ବ୍ୟକ୍ତି ମଧରେ ଯେତେ ମନୋମାଳିନ୍ୟ, ମନାନ୍ତର, ମତାନ୍ତର ଥାଉ ନା କାହିଁକି ଏହି ସମୟରେ ସେ ସବୁକୁ ଭୁଲିଯାଇ ସମସ୍ତେ ଏକତା ମନ୍ତ୍ରରେ ଏକାଠି ବାନ୍ଧି ହୋଇଯାଆନ୍ତି । ରାଜା ଠାରୁ ପ୍ରଜା ପର୍ଯ୍ୟନ୍ତ, ଧନୀ ଠାରୁ ଗରିବ ପର୍ଯ୍ୟନ୍ତ ସମସ୍ତେ ଏହି ପର୍ବକୁ ଏକାଦିନରେ ପାଳନ କରିଥାନ୍ତି । ଯେଉଁଠିକି ଉଚ୍ଚ ନୀଚର ଭେଦଭାବ ନଥାଏ । ତେଣୁ ଏହି ପର୍ବ ସାମ୍ୟବାଦର ମଧ ଶିକ୍ଷା ଦେଇଥାଏ ।

ଏହାଛଡ଼ା ନୂଆଖାଇ ଉପଲକ୍ଷେ ଗ୍ରାମଗୁଡ଼ିକରେ ଯୁବକମାନଙ୍କ ଧରାନିଗୁଡୁ କବାଡ଼ି, ଭଳି ଖେଳ ଲୋପ ପାଇବାକୁ ବସିଲାଣି । ତଥାପି ଏସବୁ ସତ୍ତ୍ୱେ ଗ୍ରାମମାନଙ୍କରେ ଜୁହାର ଭେଟି ପରମ୍ପରା ବର୍ତ୍ତମାନ ସୁଦ୍ଧା ରହିଛି । କନିଷ୍ଠମାନେ ଜ୍ୟେଷ୍ଠ ବ୍ୟକ୍ତିମାନଙ୍କୁ ପାଦଧରି ମୁଣ୍ଡିଆ ମାରିବା ଏବଂ ଜ୍ୟେଷ୍ଠମାନେ କନିଷ୍ଠମାନଙ୍କୁ ଆଶୀର୍ବାଦ ପୂର୍ବକ ମଙ୍ଗଳ କାମନା କରିବା ପରମ୍ପରା ଏଯାବତ୍ ରହିଛି ।

**ଉପସଂହାର:** ଜୀବନ ଧାରଣ ପାଇଁ ଅନ୍ତର ବହୁତ ଗୁରୁତ୍ୱପୂର୍ଣ୍ଣ ଥିବାରୁ ଏହି ପର୍ବକୁ ଆନନ୍ଦ ପର୍ବର ଏକ ଉତ୍ସ କହିଲେ ଅତ୍ୟୁକ୍ତି ହେବ ନାହିଁ । ଯେତେ ଝଡ଼ଝଞ୍ଜାରେ କାଳାତିପାତ କରୁଥିଲେ ସୁଦ୍ଧା କୃଷକ ନୁଆଖାଇ ପର୍ବକୁ ପୂର୍ବପରମ୍ପରା ମନେକରି ଯେନତେନ ପ୍ରକାରେ ପାଳନ କରିବାକୁ ଆଗେଇ ଆସ । ବନ୍ଧୁବାନ୍ଧବ ସାଇପଡ଼ିଶାର ବ୍ୟକ୍ତିବିଶେଷଙ୍କ ମେଳରେ

ଠିକ୍ ତିଥି, ବାର, ସମୟରେ ନିଜ ଇଷ୍ଟ ଦେବାଦେବୀଙ୍କୁ ନୂଆ ଅନ୍ନ ଅର୍ପଣ କରିସାରିଲା ପରେ ପରିବାର ସଦସ୍ୟମାନଙ୍କ ସହ ଭକ୍ଷଣ କରେ ।

ଘରର ମୁରବୀ ନିଜ ଭାଇବନ୍ଧୁ କୁଟୁମ୍ବକୁ ଆମନ୍ତ୍ରଣ କରି ଏକାଠି ମିଳିମିଶି । ନବାହ୍ନ ଭକ୍ଷଣ କରିବା ପ୍ରଥାକୁ ଆପଣେଇ ନିଏ । ଏହାଦ୍ୱାରା ପରିବାରର ବୟୋଜ୍ୟେଷ୍ଠ ବ୍ୟକ୍ତିର ସମ୍ମାନ ପାଇବାର ଅଧିକାର ଏବଂ କନିଷ୍ଠମାନଙ୍କର ଆନୁଗତ୍ୟ ଚିରଦିନ ପାଇଁ ବଜାୟ ରଖେ । ଆଜି ଏହି ପର୍ବଟି ସମଗ୍ର ପଶ୍ଚିମ ଓଡ଼ିଶାର ସାଂସ୍କୃତିକ ଭାବ ବିନିମୟର ଏକ ମୁଖ୍ୟ ଆକର୍ଷଣ ସାଜିଛି କହିଲେ ଭୁଲ୍ ହେବ ନାହିଁ ।